# NATIONAL NEWS BULLETIN (ODIA)

## 04th March - 2026

## Evening Bulletin : 7.15 p.m.

******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ରାଇସିନା ଡାଇଲଗ୍‌ର ଏକାଦଶ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।

— ମୁଖ୍ୟଅତିଥି ଭାବେ ଯୋଗଦେବେ ଫିନ୍‌ଲାଣ୍ଡ ରାଷ୍ଟ୍ରପତି ।

- ଓଡ଼ିଶା ସମେତ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ଲାଗି ଆସନ୍ତାକାଲି ହେଉଛି ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ।

- ଭାରତ-ମ୍ୟାଁମାର ସମ୍ପର୍କ ଜନକୈନ୍ଦ୍ରିକ ଏବଂ ଚାହିଦାଭିତ୍ତିକ; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- କ୍ରମଶଃ ଜଟିଳ ହେବାରେ ଲାଗିଛି ପଶ୍ଚିମ ଏସିଆର ଯୁଦ୍ଧ ପରିସ୍ଥିତି ।

— ସମ୍ପୃକ୍ତ ଅଞ୍ଚଳରେ ଭାରତୀୟଙ୍କ ସୁବିଧା ଲାଗି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଖୋଲାଯାଇଛି ନିୟନ୍ତ୍ରଣ କକ୍ଷ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଆଜି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟସ୍ ଜିତି ନ୍ୟୁଜିଲାଣ୍ଡର ଫିଲ୍‌ଡିଂ ନିଷ୍ପତ୍ତି ।

## ରାଇସିନା ଡାଇଲଗ୍

ରାଇସିନା ଡାଇଲଗ୍‌ର ଏକାଦଶ ସଂସ୍କରଣ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର୍ ଷ୍ଟବ୍ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ଏହା ହେଉଛି ଭାରତର ଭୂ-ରାଜନୈତିକ ଏବଂ ଭୂ-ଅର୍ଥନୈତିକ ସମେତ ବିବିଧ ପ୍ରସଙ୍ଗଙ୍କୁ ନେଇ ବହୁପକ୍ଷୀୟ ବାର୍ଷିକ ସମ୍ମିଳନୀ । ୨୦୧୬ ମସିହାରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଅବ୍‌ଜରଭର ଗବେଷଣା ପ୍ରତିଷ୍ଠାନଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଆସୁଥିବା ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ନେତୃବୃନ୍ଦ, ନୀତି ନିର୍ଦ୍ଧାରକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ଆହ୍ୱାନର ସଫଳ ମୁକାବିଲା ନେଇ ମତ ବିନିମୟ କରିଥା'ନ୍ତି ।

ଏହି ସମ୍ମିଳନୀରେ ଯୋଗଦେବା ଲାଗି ଫିନଲ୍ୟାଣ୍ଡର ରାଷ୍ଟ୍ରପତି ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି

ବର୍ଦ୍ଧନ ସିଂହ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିବା ପରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

ଫିନଲ୍ୟାଣ୍ଡର ରାଷ୍ଟ୍ରପତିଙ୍କୁ ଭାରତରେ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି , ତାଙ୍କର ଗସ୍ତ ଭାରତ-ଫିନଲ୍ୟାଣ୍ଡ ସମ୍ପର୍କକୁ  ନୂଆ ଦିଗ ପ୍ରଦାନ କରିବ।  ଆସନ୍ତାକାଲି ସେ ଫିନ୍‌ଲାଣ୍ଡ ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପହଞ୍ଚିବା ପରେ, ଶ୍ରୀ ଷ୍ଟବ୍’ ତାଙ୍କର ଏହି ଗସ୍ତ ଫିନଲ୍ୟାଣ୍ଡ ଏବଂ ଭାରତ ମଧ୍ୟରେ ବାଣିଜ୍ୟ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବ ବୋଲି ସାମାଜିକ ଗଣମାଧ୍ୟମରେ ଆଶାବ୍ୟକ୍ତ କରିଛନ୍ତି ।

ଏହି ସମ୍ମିଳନୀରେ ଯୋଗଦେବା ଲାଗି ଭୁଟାନ୍‌ର ବୈଦେଶିକ ବ୍ୟାପାର ଓ ବହିର୍ବାଣିଜ୍ୟ ମନ୍ତ୍ରୀ ଦିନାନାଥ ଧୁଙ୍ଗ୍‌ୟେଲ୍ ଏବଂ  ମାଲ୍‌ଟାର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ଓ ପର୍ଯ୍ୟଟନ ମନ୍ତ୍ରୀ ମାଲ୍‌ଟା ୟାନ୍ ବୋର୍ଗ ନୂଆଦିଲ୍ଲୀରେ ପହଞ୍ଚି ସାରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚାନ ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ଭାରତ ଓ ଭୁଟାନ ମଧ୍ୟରେ ଭାଗିଦାରୀ ଗଭୀର ଆପୋଷ ବିଶ୍ୱାସ ଓ ସଦ୍ଦିଚ୍ଛା ଉପରେ ଗଢ଼ି ଉଠିଛି । ଶ୍ରୀ ଧୁଙ୍ଗ୍‌ୟେଲ୍‌ଙ୍କ ଏହି ଗସ୍ତଦ୍ୱାରା ଦୁଇଦେଶ ମଧ୍ୟରେ ସମ୍ପର୍କକୁ ପ୍ରୋତ୍ସାହନ ମିଳବ ବୋଲି ସେ ଆଶାବ୍ୟକ୍ତ

କରିଛନ୍ତି । ସେହିଭଳି ଭାରତ ଓ ମାଲ୍‌ଟା ମଧ୍ୟରେ ଏଲକ ବନ୍ଧୁତ୍ୱପୂର୍ଣ୍ଣ ତଥା ସୌହାର୍ଦ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ରହିଥିବାବେଳେ ଦୁଇଦେଶ ମଧ୍ୟରେ ଜନସମ୍ପର୍କ ମଧ୍ୟ ସଶକ୍ତ ରହିଛି ବୋଲି ଶ୍ରୀ ଜୟଶ୍ୱାଲ୍ ଉଲ୍ଲେଖ କରିଛନ୍ତି ।

## ରାଜ୍ୟସଭା ଇଲେକ୍‌ସନ୍

ଓଡ଼ିଶା ସମେତ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ଲାଗି ଆସନ୍ତାକାଲି ହେଉଛି ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ । ୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ୍ କରାଯିବା ସହିତ ୯ ତାରିଖରେ ପ୍ରତ୍ୟାହାର ଲାଗି ଦିନଧାର୍ଯ୍ୟ କରାଯାଇଛି । ଏହି ପର୍ଯ୍ୟାୟରେ ମହାରାଷ୍ଟ୍ରର ୭ଟି, ତାମିଲ୍‌ନାଡୁର ୬ଟି, ବିହାର ଓ ପଶ୍ଚିମବଙ୍ଗରୁ ୫ଟି ଲେଖାଏଁ, ଓଡ଼ିଶାରୁ ୪ଟି, ଆସାମରୁ ୩ଟି, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାରୁ ୨ଟି ଲେଖାଏଁ ଏବଂ ହିମାଚଳ ପ୍ରଦେଶରୁ ଗୋଟିଏ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏହି ନିର୍ବାଚନ ଲାଗି ଗତମାସ ୨୬ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

ଓଡ଼ିଶାର ୪ଟି ଆସନ ଲାଗି ବି.ଜେ.ପି. ପକ୍ଷରୁ ୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଦଳର ରାଜ୍ୟସଭାପତି ମନମୋହନ ସାମଲ୍ ଏବଂ ସୁଜିତ୍ କୁମାରଙ୍କୁ ପ୍ରାର୍ଥୀ କରାଯାଇଛି । ପୂର୍ବରୁ ବି.ଜେ.ଡ଼ି. ପକ୍ଷରୁ ସନ୍ତୃପ୍ତ ମିଶ୍ର ଓ ଡକ୍ଟର ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରାଯାଇଛି । ସ୍ୱାଧୀନ ପ୍ରାର୍ଥୀ ଭାବେ

ଦିଲୀପ ରାୟ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଘୋଷଣା କରିଛନ୍ତି । ଶ୍ରୀ ରାୟଙ୍କୁ ବି.ଜେ.ପି. ସମର୍ଥନ କରୁଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ।

## ଇ.ଏ.ଏମ୍. - ମ୍ୟାଁମାର୍

ମ୍ୟାଁମାର ସହିତ ଭାରତର ସମ୍ପର୍କ ଜନକୈନ୍ଦ୍ରିକ ଏବଂ ଚାହିଦାଭିତ୍ତିକ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ସାର୍ବୋବିକ୍‌ମାନ୍ ସାହିତ୍ୟ କେନ୍ଦ୍ର ସୌଧର ଉନ୍ମୋଚନ ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଏହି କେନ୍ଦ୍ର ହେଉଛି ଦୁଇଦେଶ ମଧ୍ୟରେ ଥିବା ଦ୍ୱିପକ୍ଷୀୟ ସମ୍ପର୍କର ପ୍ରତୀକ । ଉଭୟ ଦେଶ ମଧ୍ୟରେ ଲୋକସାହିତ୍ୟର ସଂରକ୍ଷଣ ଓ ଅଧ୍ୟୟନ ଦିଗରେ ଏହା ସହାୟକ ହେବ । ମ୍ୟାଁମର୍‌ର ସାମଗ୍ରିକ ବିକାଶ ଏବଂ ଶାନ୍ତି ଦିଗ୍‌ରେ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଦିଗରେ ଡକ୍ଟର ଜୟଶଙ୍କର ଭାରତର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି କରିବା ଦିଗରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ମଧ୍ୟ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

# ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ପଶ୍ଚିମ ଏସିଆର ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି । ଇସ୍ରାଏଲ୍ ପକ୍ଷରୁ ଇତିମଧ୍ୟରେ ତେହେରାନ୍‌ର ଆନ୍ତଃସୁରକ୍ଷା କମାଣ୍ଡ କେନ୍ଦ୍ର, ବାସିଜ୍ ଏବଂ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କେନ୍ଦ୍ରଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ କରାଯାଇଛି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି, ସମଗ୍ର ଇରାନ୍‌କୁ ଏହି ସୁରକ୍ଷା କମାଣ୍ଡ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ନିୟନ୍ତ୍ରଣ କରାଯାଇଥାଏ ।

ଅନ୍ୟପକ୍ଷରେ ଇରାନ୍‌ର ସର୍ବୋଚ୍ଚ ନେତା ଖାମନେଇଙ୍କର ଶେଷକୃତ୍ୟକୁ ବର୍ତ୍ତମାନ ଲାଗି ସ୍ଥଗିତ ରଖାଯାଇଛି ଏବଂ ଏହା ପରବର୍ତ୍ତୀ ସମୟରେ କରାଯିବ ବୋଲି ଇରାନ୍‌ର ସରକାରୀ ଟେଲିଭିଜନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଇରାନ୍‌ର ପରବର୍ତ୍ତୀ ସର୍ବୋଚ୍ଚ ନେତା ଯାହାକୁ ବି ଚୟନ କରାଯିବ, ତାଙ୍କ ଜୀବନ ପ୍ରତି ସର୍ବଦା ବିପଦ ରହିଛି ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ୍ ଚେତାବନୀ ଦେଇଛନ୍ତି ।

ଗତମାସ ୨୮ ତାରିଖରୁ ଏହି ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ୧ ହଜାର ୯୭ ଜଣ ଇରାନ୍‌ର ନାଗରିକ ପ୍ରାଣ ହରାଇଛନ୍ତି ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ଏକ ମାନବାଧିକାର କର୍ମୀ ସମ୍ବାଦସଂସ୍ଥା କହିଛି ।

ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଜାରି ରହିଥିବା 'ଅପରେସନ ଏପିକ୍ ଫ୍ୟୁରି'ର ସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ  ଯୁକ୍ତରାଷ୍ଟ୍ର ଆମେରିକା

କମାଣ୍ଡର୍ କହିଛନ୍ତି, ଏହି ଅପରେସନ୍ ଆରମ୍ଭ ହେବାର ୧୦୦ ଘଣ୍ଟା ମଧ୍ୟରେ ଆମେରିକା ଇରାନ୍‌ର ପ୍ରାୟ ୨ ହଜାର ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାରେ ସଫଳ ହୋଇଛି । ଇରାନ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହେବା ସହିତ ଇରାନ୍‌ର ଶହ ଶହ କ୍ଷେପଣାସ୍ତ୍ର, ଡ୍ରୋନ୍‌ଗୁଡ଼ିକୁ ମଧ୍ୟ ନଷ୍ଟ କରିଦିଆଯାଇଛି ବୋଲି ସେ କହିଛନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧ ବିଭାଗ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଏହି ଅପରେସନ୍‌ରେ ଆମେରିକାର ୪ ଜଣ ସେନା ସଂରକ୍ଷିତ ସୈନ୍ୟଙ୍କର କୁଏତ୍‌ର ଶୁଆଇବା ବନ୍ଦରଠାରେ ମାନବ ବିହୀନ ବିମାନ ଆକ୍ରମଣରେ ମୃତ୍ୟୁ ହୋଇଛି ।

ଯୁଦ୍ଧସ୍ଥିତିକୁ ଦୃଷ୍ଟିରେ ରଖି ଇତିମଧ୍ୟରେ ବ୍ରିଟେନ୍ ଏବଂ ଫ୍ରାନ୍‌ସ ପକ୍ଷରୁ ସାଇପ୍ରସ୍‌ଠାରେ ଯୁଦ୍ଧ ଜାହାଜ ଏବଂ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ମୁତୟନ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ କହିଛନ୍ତି, ସାଇପ୍ରସ୍ ଏବଂ ସେଠାରେ ଥିବା ବ୍ରିଟେନ୍ ସାମରିକ ବାହିନୀର ସୁରକ୍ଷା ପ୍ରତି ବ୍ରିଟେନ୍ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ସେହିଭଳି ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ତାଙ୍କର ବିମାନ ଚାର୍ଲସ୍ ଡି ଗୁଲେକୁ ଭୂମଧ୍ୟସାଗର ଅଞ୍ଚଳରେ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛି ।

ଅନ୍ୟପକ୍ଷରେ ଇରାନ୍ ପରମାଣୁ ବୋମା ପ୍ରସ୍ତୁତ କରିବାର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ହସ୍ତଗତ ହୋଇ ନାହିଁ ବୋଲି ଆନ୍ତର୍ଜାତିକ୍ ଆଣବିକ ଶକ୍ତି

ସଂସ୍ଥାର ମହାନିର୍ଦ୍ଦେଶକ ରାଫେଲ୍ ମାରିଆନୋ ଗ୍ରୋସି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି ।

ଇରାନ୍‌ର ଆଇ.ଆର୍.ସି.ଜି ପକ୍ଷରୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ୍‌ର ବିଭିନ୍ନ ଲକ୍ଷ୍ୟସ୍ଥଳକୁ ପୁଣି ଆକ୍ରମଣ କରାଯାଇଛି ବୋଲି ସ୍ଥାନୀୟ ଟେଲିଭିଜନ୍ ସୂଚନା ଦେଇଛି । ଇରାନ୍ ପକ୍ଷରୁ ଜାରି ରହିଥିବା ଅପରେସନ୍ ଟ୍ରୁ ପ୍ରମିଜ୍-ଫୋର୍ ଅଧୀନରେ ଏହି ଦୁଇଦେଶର ବିଭିନ୍ନ ସ୍ଥାନ ଉପରେ ୨୩୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରାଯାଇଛି ।

ପଶ୍ଚିମ ଏସିଆ ଏବଂ ଉପସାଗରୀୟ ଅଞ୍ଚଳର ସାମ୍ପ୍ରତିକ ଯୁଦ୍ଧସ୍ଥିତିକୁ ଦୃଷ୍ଟିରେ ରଖି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ସକାଳ ୯ଟାରୁ ରାତି ୯ଟା ମଧ୍ୟରେ ଏହି ନିୟନ୍ତ୍ରଣ କକ୍ଷକୁ ନିଃଶୁଳ୍କ ନମ୍ବର 1800-118-797 ବ୍ୟତୀତ 011-2301-2113, 011-2301-4104 ଏବଂ 011-2301-7905ରେ ଯୋଗାଯୋଗ କରିପାରିବେ । ଏଥିସହିତ ଭାରତୀୟଙ୍କର ସୁରକ୍ଷା ତଥା ସହାୟତା ଲାଗି ସମ୍ପୃକ୍ତ ଅଞ୍ଚଳରେ ଥିବା ଭାରତୀୟ ଦୂତାବାସଗୁଡ଼ିକରେ ୨୪ ଘଣ୍ଟିଆ ଜରୁରୀକାଳୀନ ହେଲ୍‌ଲାଇନ ମଧ୍ୟ ସ୍ଥାପନ କରାଯାଇଛି ।

## କାନାଡ଼ା ପି.ଏମ୍. - ୱେଷ୍ଟ ଏସିଆ

ମଧ୍ୟପ୍ରାଚ୍ୟରେ ସୃଷ୍ଟ ସ୍ଥିତି ଉପରେ ପ୍ରତିକ୍ରିୟା ଦେଇ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନେ କହିଛନ୍ତି, ଇରାନ୍ ଉପରେ ଆକ୍ରମଣ କରିବା ପୂର୍ବରୁ ଯୁକ୍ତରାଷ୍ଟ୍ର

ଆମେରିକା ଏହାର ମେଣ୍ଟ ରାଷ୍ଟ୍ରଗୁଡ଼ିକ ସହ କୌଣସି ପରାମର୍ଶ କରି ନ ଥିଲା । ଏହା ଆନ୍ତର୍ଜାତିକ ନିୟମର ବିଫଳତା ବୋଲି ସେ କହିଛନ୍ତି । ଏହି ଯୁଦ୍ଧ ଇରାନ୍ ସୀମା ଅତିକ୍ରମ କରିସାରିଛି । ଇରାନ୍, ବାହାରିନ୍, ସଂଯୁକ୍ତ ଆରବ ଏମିରେଟ୍ସ୍ ଉପରେ ଆକ୍ରମଣ କରିବା ସହିତ ସାଉଦି ଆରବ ଓ କୁଏତ୍‌ରେ ଥିବା ଆମେରିକାର ଦୂତାବାସଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ କରିଛି । ଏହି ଯୁଦ୍ଧର ତୁରନ୍ତ ଅବସାନ ଲାଗି ଶ୍ରୀ କାର୍ନେ ଉଭୟ ପକ୍ଷରୁ ଆହ୍ୱାନ ଦେଇଛନ୍ତି ।

## ଆଇ.ସି.ସି. - ଟି-ଟ୍ୱେଣ୍ଟି କ୍ରିକେଟ୍

ଆଇ.ସି.ସି. ପୁରୁଷ ବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହୋଇଛି । କୋଲ୍‌କାତାର ଇଡେନ୍ ଗାର୍ଡ଼େନଠାରେ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ଜାରି ରହିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍‌ଡ଼ିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଦକ୍ଷିଣ ଆଫ୍ରିକା ୪ ଓଭର୍‌ରେ ୨ ୱିକେଟ୍ ହରାଇ ୨୮ ରନ୍ ସଂଗ୍ରହ କରିଛି ।

ଦ୍ୱିତୀୟ ସେମିଫାଇନାଲ୍‌ରେ ଆସନ୍ତାକାଲି ମୁମ୍ବାଇର ଓ୍ୱାଙ୍ଖେଡ୍ ଷ୍ଟାଡିୟମ୍‌ଠାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦୁଇଟିଯାକ ସେମିଫାଇନାଲ୍‌ର ବିଜେତାଙ୍କ ମଧ୍ୟରେ ଟାଇଟଲ୍ ହାସଲପାଇଁ ଆସନ୍ତା ୮ ତାରିଖ ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

*****